# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**30 September – 2025**

## ନବରାତ୍ର ପୂଜା

ଆଦ୍ୟାଶକ୍ତି, ଜଗଦ୍ଧାତ୍ରୀ, ଜଗତ୍‌ଜନନୀ ମା’ ଦୁର୍ଗାଙ୍କର ଆଗମନରେ ପୁରପଲ୍ଲୀ ଚଳଚଞ୍ଚଳ ହୋଇଉଠିଛି। ଶରତ୍‌କାଳ ଦେବୀଙ୍କ ଆବାହନ କାଳ ଭାବେ ଅଭିହିତ କରାଯାଇ ଷୋଡ଼ଶ ଦିନାତ୍ମକ, ନବରାତ୍ରି ଓ ତ୍ରିଦିନାତ୍ମକ ପୂଜା ଉତ୍ସବର ଅବତାରଣା କରାଯାଇଛି । ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଆଜି ଶକ୍ତିପ୍ରଦାୟିନୀ ମା’ ଦୁର୍ଗାଙ୍କର ନବମୀ ପୂଜା ଚାଲିଥିବାବେଳେ ପୂଜା ମଣ୍ଡପଗୁଡ଼ିକରେ ମା’ଙ୍କ ମୃଣ୍ମୟୀ ମୂର୍ତ୍ତିର ଅଷ୍ଟମୀ ପୂଜା ପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଚାଲିଛି। ମହାସପ୍ତମୀରେ ଗତକାଲି ମା’ଙ୍କର ଚକ୍ଷୁଦାନ କରାଯାଇଥିଲା । ଆଜି ମହାଷ୍ଟମୀରେ ସନ୍ଧିପୂଜା କରାଯିବ ।

## କ୍ୟାବିନେଟ୍-ମୁଖ୍ୟମନ୍ତ୍ରୀ

ରାଜ୍ୟରେ ବ୍ୟବସାୟ ବାଣିଜ୍ୟ ବୃଦ୍ଧି ସହ ଉତ୍ପାଦନର ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ସରକାର ଅହୋରାତ୍ର ବ୍ୟବସାୟ କେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଗଣଶିକ୍ଷା, ଶ୍ରମ ଓ ପୂର୍ତ୍ତ ବିଭାଗର ୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି :

**V/O**

# ଅଗ୍ନି ଅଭିଯାନ

ଓଡ଼ିଶା ପୋଲିସ୍ ପକ୍ଷରୁ ରାଜ୍ୟରେ **ଅଗ୍ନି ଅଭିଯାନ** ଅନୁଷ୍ଠିତ ହୋଇଯାଇଛି । ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ବେଆଇନ ବିସ୍ଫୋରକ ଭଣ୍ଡାର, ବିନା ଅନୁମତିରେ ବିସ୍ଫୋରକ ସାମଗ୍ରୀ ପରିବହନ ଓ ଆତସବାଜି ବିକ୍ରୟକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଗତ ୧୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିଥିଲା । ଅଭିଯାନ ସମୟରେ ୧୮୪ଟି ମାମଲା ରୁଜୁ କରାଯିବା ସହ ୧୩୩ ଜଣଙ୍କୁ ଗିରଫ କରାଯାଇଛି । ପ୍ରାୟ ୮ କୋଟି ୨୪ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ ଜବତ ହୋଇଛି ବୋଲି ଓଡ଼ିଶା ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି ।

---

# ଛତର ଯାତ୍ରା

କଳାହାଣ୍ଡି ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ମାଣିକେଶ୍ୱରୀଙ୍କ ଛତର ଯାତ୍ରା ଆଜି ଆରମ୍ଭ ହୋଇଛି । ପ୍ରତିବର୍ଷ ପରି ମହାଷ୍ଟମୀ ମଧ୍ୟରାତ୍ରିରେ ଦେବୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ମା’ ମାଣିକେଶ୍ୱରୀଙ୍କ ବିଜୟ ପ୍ରତିମା ଛତରକୁ ଜେନାଖାଲକୁ ନିଆଯାଇଥିଲା । ସେଠାରେ ଗୁପ୍ତପୂଜା ପରେ ଆଜି ପ୍ରାତଃରୁ ଦେବୀଙ୍କ ଛତର୍‌ର ପ୍ରତ୍ୟାବର୍ତ୍ତନ ଯାତ୍ରା ଆରମ୍ଭ ହୋଇଛି ।

ଘୁମୁରା ଦଳ, ନିଶାଣ ବାଦ୍ୟ, ସେବାୟତ ଏବଂ ଶ୍ରଦ୍ଧାଳୁଙ୍କ ମଧ୍ୟରେ ମାଆଙ୍କର ଛତର ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଶ୍ରଦ୍ଧା ଓ ନିଷ୍ଠାର ସହ ଚାଲିଛି । ମନ୍ଦିର ନିକଟରେ ମାଆଙ୍କ ଛତର ପହଞ୍ଚିବା ପରେ ପରମ୍ପରା

ଅନୁଯାୟୀ ଉପସ୍ଥିତ ରାଜପ୍ରତିନିଧି ଓ ପୂଜକ ଗର୍ଭଗୃହକୁ ଛତରକୁ ପାଛୋଟି ନେଇଥାଆନ୍ତି ।

## ଭାଇଜିଉଁତିଆ ଓଷା

ଭାଇ-ଭଉଣୀର ଅମର ଓ ପବିତ୍ର ସଂପର୍କକୁ ଉଜ୍ଜୀବିତ ରଖିବା ନେଇ ପଶ୍ଚିମ ଓଡ଼ିଶାର ଅନନ୍ୟ ଲୋକପର୍ବ ଭାଇଜିଉଁତିଆ ଓଷା ଆଜି ପାଳନ କରାଯାଉଛି । ଭଉଣୀମାନେ ଭାଇମାନଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରି ଏହି ଓଷା ପାଳନ କରିଥାନ୍ତି । ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଗତକାଲି ବ୍ରତଧାରୀ ମହିଳାମାନେ ଏକତ୍ର ଭାବେ ଭାଇର ମଙ୍ଗଳ କାମନା କରି ଦେବୀ ଦୁର୍ଗାଙ୍କ ପୂଜା କରିଛନ୍ତି । ଆଜି ବଡ଼ିଭୋରୁ ବ୍ରତଧାରୀ ମହିଳାମାନେ ସ୍ନାନ ସାରି ଘଟ ପୂଜା କରି ଭାଇମାନଙ୍କୁ ବନ୍ଦାପନା କରିଛନ୍ତି ।

## ବେଶ

ଭଦ୍ରକ ଜିଲ୍ଲା ଆରଡିର ବାବା ଆଖଣ୍ଡଳମଣିଙ୍କ ପୀଠରେ ମା' ଜୟଦୁର୍ଗାଙ୍କର ଆଜି ମହାନବମୀ ପାଳନ ଅବସରରେ ମହିଷମର୍ଦ୍ଦିନୀ ବେଶ ଅନୁଷ୍ଠିତ ହୋଇଛି । ମାଆଙ୍କ ବେଶ ଦର୍ଶନ ଲାଗି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଛି । ଜିଲ୍ଲାର ୧୦୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ଆଜି ମହାଷ୍ଟମୀ ପୂଜା ଅନୁଷ୍ଠିତ ହେଉଛି ।

## ପୂଜାମଣ୍ଡପ- ଅନୁଦାନ

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ପୁରାତନ ଦୁର୍ଗାପୂଜା ମଣ୍ଡପକୁ ଆର୍ଥିକ ସହାୟତା ପ୍ରଦାନ ନେଇ ମାନଦଣ୍ଡ ଧାର୍ଯ୍ୟ

କରାଯାଇଛି । ବିଭିନ୍ନ ଜିଲ୍ଲାରୁ ଆସିଥିବା ଆବେଦନଗୁଡ଼ିକ ଉପରେ ଯାଞ୍ଚ କାର୍ଯ୍ୟ ଚାଲିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ମାନଦଣ୍ଡ ଅନୁଯାୟୀ ଯାଞ୍ଚ ପରେ ଯୋଗ୍ୟ ପୂଜା ମଣ୍ଡପକୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ।

## ଅନ୍ତର୍ଜାତୀୟ ଅନୁବାଦ ଦିବସ

ଭାବ ଆଦାନ ପ୍ରଦାନରେ ଭାଷାର ଉପଯୋଗିତା ଏବଂ ଗୋଟିଏ ଭାଷାକୁ ଅନ୍ୟ ଭାଷାରେ ଅନୁବାଦର ବ୍ୟବହାରକୁ ଉପଲବ୍ଧି କରି ଆଜି ଅନ୍ତର୍ଜାତୀୟ ଅନୁବାଦ ଦିବସ ପାଳନ କରାଯାଉଛି ।  ପୃଥିବୀରେ ୬ ହଜାର ୫୦୦ରୁ ଅଧିକ କଥିତ ଭାଷା ଅଛି । ଯାହାର ପ୍ରତିବନ୍ଧକକୁ ଦୂର କରିବା ପାଇଁ ଅନୁବାଦକମାନେ ସାହାଯ୍ୟ କରିଥାନ୍ତି । ୧୯୫୩ ମସିହାରୁ ଅନ୍ତର୍ଜାତୀୟ ଅନୁବାଦକ ସଂଘ ଆନୁକୂଲ୍ୟରେ ଏହି ଦିବସ ପାଳିତ ହୋଇଆସୁଛି । ବିଭିନ୍ନ ରାଷ୍ଟ୍ର ପାରସ୍ପରିକ କଥାବାର୍ତ୍ତା ମାଧ୍ୟମରେ ପୃଥିବୀରେ ଶାନ୍ତି, ସୁରକ୍ଷା ଓ ପ୍ରଗତିକୁ ସଶକ୍ତ କରିବା ପାଇଁ ଅନୁବାଦକମାନଙ୍କ ଭୂମିକାକୁ ମନେପକାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି ।

## ଆର୍ଟ ଆଣ୍ଡ୍ କ୍ରାଫ୍ଟ ସେଣ୍ଟର

ଢେଙ୍କାନାଳ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ପରିସରରେ ଆର୍ଟ ଆଣ୍ଡ୍ କ୍ରାଫ୍ଟ ସେଣ୍ଟରକୁ ଖାଦ୍ୟ ଓ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଗତ ସନ୍ଧ୍ୟାରେ ଆୟୋଜିତ ସମାବେଶରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଢେଙ୍କାନାଳର ଲକ୍ଷ୍ମୀପୂଜାକୁ ରାଜ୍ୟସ୍ତରୀୟ ମାନ୍ୟତା ପ୍ରଦାନ ସହିତ ୩୮ଟି ପୂଜା ମଣ୍ଡପକୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି ।

# ପାଣିପାଗ

ଉତ୍ତର ଆଣ୍ଡାମାନ ସାଗରରେ ଆଜି ଆଉ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉତ୍ତର ପାର୍ଶ୍ୱବର୍ତ୍ତୀ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଆସନ୍ତାକାଲି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି । ଏହାର ପ୍ରଭାବରେ ଆଗାମୀ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷାର ସମ୍ଭାବନା ଥିବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ଶୁକ୍ରବାର ୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।